# ଉପ-ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟ
## ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମଣ୍ଡଳ, ସୋନପୁର

ଚିଠି ସଂଖ୍ୟା: ................../୨୦୨୦ ତାରିଖ:........................

## ନିଲାମ ଇସ୍ତାହାର

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର, ଓଡ଼ିଶା, କଟକ ଆଦେଶ ସଂଖ୍ୟା ୪୧୫୦, ତା.୧୮.୦୩.୨୦୧୯ ମୁତାବକ ଉପ-ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତଙ୍କ କାର୍ଯ୍ୟାଳୟର ସରକାରୀ ପୁରୁଣା ଆମ୍ବାସାଡ଼ର କାର ସଂଖ୍ୟା **OR-05 D 5293,** ତା. ୦୭.୦୧.୨୦୨୦, ଦିବା ଘ.୧୧ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପରିସରରେ ନିଲାମପାଇଁ ସ୍ଥିରୀକୃତ ହୋଇଅଛି । ଏହି କାରର ପ୍ରାସଙ୍ଗିକ ମୂଲ୍ୟ (ଅପ୍‌ସେଟ୍ ପ୍ରାଇସ୍) ଟ.୧୫୦୦୦.୦୦ (ପନ୍ଦର ହଜାର ଟଙ୍କା) ମାତ୍ର ସ୍ଥିରୀକୃତ ହୋଇଅଛି ।

### ସର୍ତ୍ତାବଳୀ:

୧. ଇଚ୍ଛୁକ ବ୍ୟକ୍ତି ବିଶେଷ ସଂପୃକ୍ତ ଗାଡ଼ି ନିମନ୍ତେ ଧାର୍ଯ୍ୟ ପ୍ରାସଙ୍ଗିକ ମୂଲ୍ୟର ଦଶ ପ୍ରତିଶତ ଅର୍ଥ ଅମାନତ ଆକାରରେ ନିଲାମ ସମୟର ଏକ ଘଂଟା ପୂର୍ବରୁ ଜମା କରିବେ । କେବଳ ଅମାନତ ଜମା କରିଥିବା ବ୍ୟକ୍ତି ନିଲାମରେ ଅଂଶଗ୍ରହଣ କରିପାରିବେ ।

୨. ପ୍ରାସଙ୍ଗିକ ମୂଲ୍ୟ ଠାରୁ କେବଳ ସର୍ବାଧିକ ଡାକ ଲଗାଇଥିବା ନିଲାମଧାରୀଙ୍କୁ ଯୋଗ୍ୟ ବିବେଚିତ କରାଯିବ ।

୩. ନିଲାମଧାରୀ ନିଲାମ ଡାକ ଦିନ ନିଲାମ ମୂଲ୍ୟର ୨୫ ପ୍ରତିଶତ ରାଶି ଏବଂ ନିଲାମ ଡାକର ୭ (ସାତ) ଦିନ ମଧ୍ୟରେ ବାକି ୭୫ ପ୍ରତିଶତ ଅମାନତ ରାଶି ସହ ରେଜିଷ୍ଟ୍ରି ଚୁକ୍ତିପତ୍ର (Registered Agreement) ଦାଖଲ କରିବେ ନଚେତ୍ ସେ ଦାଖଲ କରିଥିବା ଅମାନତ ରାଶି ସହ ୨୫ ପ୍ରତିଶତ ରାଶି ସଂପୂର୍ଣ୍ଣ ରୂପେ ବ୍ୟାଜ୍ୟାପ୍ତ ହେବ ।

୪. ଗାଡ଼ି ନିଲାମର ସମସ୍ତ ଔପଚାରିକତା ସମାପ୍ତ ନ ହେବା ଏବଂ ସଂପୂର୍ଣ୍ଣ ରାଶି ପଇଠ ନ ହେବା ପର୍ଯ୍ୟନ୍ତ ସଫଳ ନିଲାମଧାରୀକୁ ଗାଡ଼ି ହସ୍ତାନ୍ତର କରାଯିବ ନାହିଁ । ଗାଡ଼ି ସହିତ ଉପକରଣ (Tools), କାର୍ଯ୍ୟବ୍ୟୟନ (Implementation) ଏବଂ ଅତିରିକ୍ତ ଭାଗ (Spare Parts) ସଫଳ ନିଲାମଧାରୀଙ୍କୁ ହସ୍ତାନ୍ତର କରାଯିବ ନାହିଁ ।

୫. ସଫଳ ନିଲାମଧାରୀ ସଂପୂର୍ଣ୍ଣ ସର୍ବାଧିକ ଡାକ ରାଶି ପଇଠ କରି ନିଲାମ ଗାଡ଼ିକୁ ୭ଦିନ ମଧ୍ୟରେ ନେଇଯିବେ । ଗାଡ଼ି ହସ୍ତାନ୍ତର ହେଲାପରେ ସଫଳ ନିଲାମଧାରୀ ଗାଡ଼ିକୁ ନିଜର ସୁରକ୍ଷା ଓ ଦାୟୀତ୍ୱରେ ରଖିବେ ନଚେତ୍ କୌଣସି ଅଭିଯୋଗ ଶୁଣାଯିବ ନାହିଁ ।

୬. ସଫଳ ନିଲାମଧାରୀ ଉପରୋକ୍ତ ଧାର୍ଯ୍ୟ ସମୟ ମଧ୍ୟରେ ଗାଡ଼ିକୁ ନେଇଯିବେ ନଚେତ୍ ପ୍ରସ୍ତାବିତ ମୂଲ୍ୟର ଏକ ପ୍ରତିଶତ ରାଶି ପ୍ରତ୍ୟେକ ଦିନ ଗାଡ଼ି ନେଇଯିବା ପର୍ଯ୍ୟନ୍ତ ground rent ଆକାରରେ ଦେବାକୁ ବାଧ ହେବେ । ଯଦି ground rent ସର୍ବାଧିକ ନିଲାମ ଡାକ ଠାରୁ ଅଧିକ ହୁଏ ତା'ହେଲେ ଗାଡ଼ି ଉପରେ ଆଉ ସଫଳ ନିଲାମଧାରୀଙ୍କ କୌଣସି ଅଧିକାର ରହିବ ନାହିଁ । ସେ ଜମା କରିଥିବା ରାଶିକୁ ground rent ଆକାରରେ ସମଯୋଜନ କରାଯିବ ଏବଂ ଗାଡ଼ି ସରକାରୀ ସମ୍ପତି ବିବେଚନା କରାଯାଇ; ପୂନର୍ବାର ନିଲାମ କରାଯିବ ।

୭. ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ନିଲାମ ଗାଡ଼ିକୁ ନିଲାମ ଧାର୍ଯ୍ୟ ଦିବସ ପୂର୍ବରୁ କାର୍ଯ୍ୟ ଦିବସରେ, କାର୍ଯ୍ୟ ସମୟ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଅନୁସନ୍ଧାନ କରିପାରିବେ । ନିଲାମ ପରେ ନିଲାମ ଗାଡ଼ି ସଂପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ କିମ୍ବା ଏଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଉପ-ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ଆୟୁକ୍ତ
ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ମଣ୍ଡଳ, ସୋନପୁର